# Akashvani, Sambalpur

# SAMBALPURI NEWS MORNING BULLETIN

# 17 May 2026 - 6.47- 6.52 am.

---

ରାଜ୍ୟପାଲ୍          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବିଶ୍ୱବିଦ୍ୟାଳୟମାନ୍‌କେ ହପ୍ତାକ ଦିନେ ଦହନମୁକ୍ତ ଦିବସ୍ ପାଲନ୍ କରାଯିବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କୁଳପତି ମାନ୍‌କୁ ଚିଠି ଜରିଏ ଜନେଇଛନ୍ । ରାଜ୍ୟପାଲ୍ ତାଙ୍କର୍ ଚିଠିଥି ଉଲ୍ଲେଖ କରିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୀର୍ଘକାଳୀନ ସୁରକ୍ଷା, ଜାତୀୟ ସମ୍ବଲର୍ ସଂରକ୍ଷଣ୍ ଆଉ ସ୍ଥାୟୀ ପଦ୍ଧତି  ଗ୍ରହଣ୍ କର୍‌ବାର୍‌କେ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ଇ ଜରୁରୀ ସମିଆଥି ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍ ବୌଦ୍ଧିକ ନେତୃତ୍ୱ ନେବାର୍ ଦର୍‌କାର୍ ବଲି ରାଜ୍ୟପାଲ୍ କହିଛନ୍ । ବିଶ୍ୱବିଦ୍ୟାଳୟମାନ୍‌କେ ହପ୍ତା କ ଦିନେ ସାଇକଲ୍ କି ବିଦ୍ୟୁତ୍ ଚାଳିତ୍ ଗାଡ଼ି, ନାହେତ ସର୍ବସାଧାରଣ୍ ପରିବହନ୍ ବ୍ୟବସ୍ଥା ବେଭାର୍ କର୍‌ବାର୍‌କେ ରାଜ୍ୟପାଲ୍ ଜୋର୍ ଦେଇଛନ୍ । ଇତାର୍‌ଛଡ଼ା

ବିଶ୍ୱବିଦ୍ୟାଳୟମାନ୍‌କର୍ କାମ୍‌ଥି ବେଭାର୍ ହଉଥିବା ସର୍‌କାରୀ ଗାଡ଼ିମଟର୍ ମାନ୍‌କୁ ଭିଲ୍ କମ୍ କରାଯିବା ଆଉ କେମ୍ପସ୍‌ଥି ସୌରଶକ୍ତି ଭିତିଭୂମିକେ ବଢ଼ାଯିବା ବଲି ରାଜ୍ୟପାଲ୍ ଚିଠିଥି ଉଲ୍ଲେଖ କରିଛନ୍ ।

ନୀତିନ୍ ନବୀନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ୍ ନବୀନ୍ ଆଏଜ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଦେଶେ ଚାଲିଥିବା ତେଲ୍ ସଂକଟ୍ ଲାଗି ଖାସ୍ ବିମାନ୍‌ଥି ନାଇଁ ଆସିକରି ସାଧାରଣ୍ ଯାତ୍ରୀବାହୀ ବିମାନ୍‌ଥି ଆସ୍‌ବେ । ୨ ଦିନିଆ ଗସ୍ତ ଅବ୍‌ସରେ ଶ୍ରୀ ନବୀନ୍ ଦଲର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ସହେତେ ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କର୍‌ବେ ବଲି ରାଜ୍ୟ ବିଜେପି ତର୍‌ଫୁ କୁହାଯାଇଛେ । ଆଏବା କାଏଲ୍ ବିଜେପି ରାଜ୍ୟ କାର୍ଯ୍ୟାଳୟ ନ କୋର୍ କମିଟି ବୈଠକ୍‌ଥି ଶ୍ରୀ ନବୀନ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୟୁନିଟ୍ ୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା କାଏଲ୍ ଆଉ ଆଏବା ୨୫ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆୟାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

୯ ଆଉ ୧୦- ତ୍ରିଭାଷା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍‌ଇ ତର୍‌ଫୁ ୯ ଆଉ ୧୦ ଶ୍ରେଣୀ ଲାଗି ଭାଷା ନୀତିଥି ବଡ଼ ପରିବର୍ତନ୍ ଘୋଷ୍‌ନା କରାୟାଇଛେ । ଗଲା ୧୫ ତାରିଖ୍ ଜାରି ହେଇଥିବା ବିଜ୍ଞପ୍ତିଥି ବୋର୍ଡ଼ ସ୍ୱଷ୍ଟ କରିଛେ ଯେ, ଆଏବା ୨୦୨୬ -୨୭ ଶିକ୍ଷା ବଛ୍‌ରେ ସବୁ ସିବିଏସ୍‌ଇ ଅନୁବନ୍ଧିତ୍ ବିଦ୍ୟାଳୟମାନ୍‌କେ ଆଏବା ଜୁଲାଇ ୧

ତାରିଖ୍‌ନୁ ୯ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ତ୍ରିଭାଷା ବାଧ୍ୟତାମୂଲକ୍ କରାଯିବା । ହେଲେ ୧୦ ଶ୍ରେଣୀଥି ୩ ନମ୍ବର୍ ଭାଷା ଲାଗି ବୋର୍ଡ୍ ପରୀକ୍ଷା କରା ନାଇଁ ଯାଏ । ସିବିଏସ୍‌ଇ ବିଷୟବସ୍ତୁ ତାଲିକାନୁ ସ୍କୁଲ୍‌ମାନେ କେନ୍‌ସି ଭିଲ୍ ଭାଷା ବାଛ୍‌ବାର୍ ଲାଗି ଛାତ୍ରଛାତ୍ରୀମାନ୍‌କୁ ସୁଯୋଗ୍ ଦେବେ । ୩ ଟା ଭାଷା ଭିତ୍‌ରୁ ଅନ୍ତତଃ ୨ ଟା ଭାରତୀୟ ଭାଷା ହେଇଥିବାର୍ ଦର୍‌କାର୍ । ଇତାର୍‌ଛଡ଼ା କେନ୍‌ସି ବିଦେଶୀ ଭାଷାକେ ଖାଲି ୩ ନମ୍ବର୍ ଭାଷା ହିସାବେ ବଛାଯାଇପାର୍‌ବା ବଲି ସିବିଏସ୍‌ଇ ତର୍‌ଫୁ ସ୍ୱଷ୍ଟ କରାଯାଇଛେ । ସିବିଏସ୍‌ଇର ଭାଷା ବିଷେ ତାଲିକାଥି ଇଂରାଜୀ ଆଉ ହିନ୍ଦୀ ସହେତେ ୪୪ ଟା ଭାଷା ରହିଛେ ।

ଏ.ଆଇ. ଫର୍ ଓଡ଼ିଶା-ଧର୍ମେନ୍ଦ୍ର ପ୍ରଧାନ ପି.ଆଇ.ବି.

ଆଇଆଇଏମ୍ ସମ୍ବଲ୍‌ପୁର୍-ଆଇଆଇଏମ୍ ଅହମଦାବାଦ୍‌ର ସହଯୋଗ୍‌ଥି ମୁଲ୍ ହେଇଥିବା ଏ.ଆଇ. ଫର୍ ଓଡ଼ିଶା ଅଭିଯାନ୍ ବାବଦ୍ କର୍ମଶାଳାକେ ଆଭାସୀ ଜରିଏ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କରିଛନ୍ । ବ୍ୟବସାୟିକ୍ ଅଭିବୃଦ୍ଧି ଲାଗି

ଏ.ଆଇ.: ସ୍ଥାନୀୟ ବଜାର୍‌ନୁ ଜାତୀୟ ସ୍ତର୍‌ତକ୍ ଶୀର୍ଷକ୍ ଇ କର୍ମଶାଳା ସ୍ଥାନୀୟ ଉଦ୍ୟୋଗୀ ଛୋଟ୍ ଶିଳ୍ପ ମାନ୍‌କୁ ଏଆଇର ସହଯୋଗ୍‌ଥି ଆଗ୍‌କେ ବଢ଼୍‌ବାର୍‌ଥି ସାହାଜ୍ କର୍‌ବା । ବ୍ୟବସାୟୀ, ଉଦ୍ୟୋଗୀ ଆଉ ଏମ୍‌ଏସ୍‌ଏମ୍‌ଇ ମାନ୍‌କୁ ନିରନ୍ତର୍ ବିକାଶ୍, ଦକ୍ଷତା ବୃଦ୍ଧି ଆଉ ଜାତୀୟସ୍ତରୀୟ ପ୍ରତିଯୋଗିତା ମନୋଭାବ୍ ରଖ୍‌ବାର୍ ଲାଗିର୍ ଭିନ୍ ଭିନ୍ ବିଷେଥି କର୍ମଶାଳାଥି ଆଲୋଚନା କରାଯିବା । ପଶ୍ଚିମ ଓଡ଼ିଶାର୍ ୩ ଶହ ୫୦ ନୁ ଅଏତ୍‌କା ସ୍ଥାନୀୟ ଶିଳ୍ପ ପ୍ରତିନିଧି ଇଥି ଭାଗ୍ ନେଇଛନ୍ ।

ବିଶ୍ୱ ଦୂରସଂଚାର ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ସାରା ପୁର୍‌ଥି ନ ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଦୂରସଂଚାର ଦିବସ୍ ।  ମିଳିତ ଜାତିସଂଘ ତରଫୁ ୨୦୦୬ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ସୂଚନା ପ୍ରଯୁକ୍ତି ବିଦ୍ୟା ଆର୍ ଇଂଟର୍‌ନେଟ୍ ଲାଗିର୍ ଆଧୁନିକ ବୈଷୟିକ ଜ୍ଞାନ୍ କୌଶଲ୍ ଏଛ୍‌ନିର୍ ସମିଆର୍ ସମାଜ୍‌କେ ଗହୀର ପ୍ରଭାବ୍ ପକେଇଛେ । ଇ ବାବଦେ ପୁର୍‌ଥିର୍ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିନ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ

ଆଏ । ୧୮୬୫ ମସିହା ଆଝିର୍ ଦିନେ ଅନ୍ତର୍ଜାତୀୟ ଦୂରସଂଚାର ସଂଘ - ଇଂଟର୍‌ନେସନ୍‌ନାଲ୍ ଟେଲି କମ୍ୟୁକେସନ୍ ୟୁନିୟନ୍ ଗଠନ୍ କରାଯାଇଥିଲା ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ          ଆର୍‌ଏନ୍‌ୟୁ /  ସମ୍ବଲପୁର

‘ମିଶିକରି ଉଚ୍ଚରକ୍ତଚାପକେ ନିୟନ୍ତ୍ରଣ୍ କର୍‌ମା’ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ୍ । ରକ୍ତଚାପ୍‌ର ପ୍ରତିରୋଧ୍, ଚିହ୍ନଟ୍ ଆର୍ ନିୟନ୍ତ୍ରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ମେ ମାସର୍ ଆଝିର୍ ଦିନେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଲନ୍ କରାଯାଇ ଆସୁଛେ । ୨୦୦୬ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଇ ଦିବସ୍ ପାଲନ୍ ମୁଲ୍ କରିଥିଲା । ଭାରତ୍ ନ ପୁର୍‌ଥିର୍ ସବୁନୁ ଅଏତ୍‌କା ରକ୍ତଚାପ ରୋଗୀ ଅଛନ୍ । ଏଛେନ୍ ପୁର୍‌ଥି ନ ଶହେ କୋଟିନୁ ଅଏତ୍‌କା ରକ୍ତଚାପ ରୋଗୀ ଥିବାର୍ ବେଲେ ଖାଲି ଭାରତ୍ ନ ୨୨ କୋଟି ରୋଗୀ ଅଛନ୍ ।

ସୁଢ଼ଳ ଦେବ ଜୟନ୍ତୀ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ଶ୍ରୀଜଗନ୍ନାଥ୍ ସାହିତ୍ୟ ସଂସଦ୍ ତର୍‌ଫୁ ରାଜା ସାର୍ ବାସୁଦେବ୍ ସୁଢ଼ଲ ଦେବଙ୍କର୍ ଜୟନ୍ତୀ ଅବ୍‌ସରେ ଦିନ୍‌କିଆ ଆଲୋଚନାଚକ୍ର ଆଉ କବିତା ପାଠ ଉତ୍ସବ୍ ହେଇଯାଇଛେ । ଓଡ଼ିଆ ଭାଷା ସାହିତ୍ୟର୍ ଦର୍‌ଜାକେ ବଢ଼ାବାର୍‌ଥି ରାଜା ସାର୍ ବାସୁଦେବ୍ ସୁଢ଼ଲ ଦେବ ଙ୍କର୍ ଭୂମିକା ବାବ୍‌ଦେ ଅତିଥି ମାନେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଗୁଟେ କବିତା ସଂକଳନ୍ ‘ଉତ୍ସବ୍ ପ୍ରଧାନ୍‌ପାଟ୍-୨୦୨୬’ର ଉନ୍ମୋଚନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ମୌସୁମୀ ଆଣ୍ଡାମାନ୍ ନ ପୁହୁଁଚିଛେ । ଦକ୍ଷିଣ ପୂର୍ବ ଆରବ୍ ସାଗର୍ ଆଉ ଦକ୍ଷିଣ ପୂର୍ବ ଆଉ ଦକ୍ଷିଣ୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ କେତେ ଇଲାକା ସହେତେ ଆଣ୍ଡାମାନ୍ ସାଗର୍ ଆଉ ଆଣ୍ଡାମାନ୍, ନିକୋବର୍ ଦ୍ୱୀପପୁଞ୍ଜକେ ମୌସୁମୀ ପୁହୁଁଚିଛେ । ଆଏବା ୨୬

ତାରିଖ୍ ବେଲ୍‌କେ ମୌସୁମୀ କେରଳ ନ ପୁହୁଁଚିବା ବଲି ବିଭାଗ୍ ତରଫୁ ଅନୁମାନ୍ କରାଯାଇଛେ ।
ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୨୧ ତାରିଖ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ।